# Prime Minister's interaction with the Indian Community and Friends of India in Bali, Indonesia

November 15, 2022

## ଇଣ୍ଡୋନେସିଆର ବାଲି ଠାରେ ଭାରତୀୟ ସମୁଦାୟଙ୍କ ସହିତ ମତ ବିନିମୟ କଲେ ପ୍ରଧାନମନ୍ତ୍ରୀ

**ନଭେମ୍ବର 15, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୫ ନଭେମ୍ବର ୨୦୨୨ରେ ଇଣ୍ଡୋନେସିଆର ବାଲି ଠାରେ ୮୦୦ରୁ ଊର୍ଦ୍ଧ୍ୱ ଭାରତୀୟ ସମୁଦାୟ ଏବଂ ବନ୍ଧୁମାନଙ୍କୁ ଉଦବୋଧନ ଦେବା ସହିତ ସେମାନଙ୍କ ସହିତ ମତ ବିନିମୟ କରିଛନ୍ତି । ସମଗ୍ର ଇଣ୍ଡୋନେସିଆରୁ ବିଭିନ୍ନ ବର୍ଗର ସକ୍ରିୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସମବେତ ହୋଇଥିଲେ ।

2.ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ, ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ରହିଥିବା ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ଦୁଇ ଦେଶ ମଧ୍ୟରେ ରହିଥିବା ସାଂସ୍କୃତିକ ଏବଂ ବାଣିଜ୍ୟିକ ସମ୍ପର୍କକୁ ଲୋକଲୋଚନକୁ ଆଣିବା ଲାଗି ପ୍ରାଚୀନ "ବାଲି ଯାତ୍ରା" ପରମ୍ପରା ବିଷୟରେ ସେ ଉଲ୍ଲେଖ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ରହିଥିବା ସମାନତା ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ ।

3.କଠିନ ପରିଶ୍ରମ ଏବଂ ସେମାନେ ଗ୍ରହଣ କରିଥିବା ମାତୃଭୂମି ପ୍ରତି ସମର୍ପଣ ଜରିଆରେ ଭାରତର ସମ୍ମାନ ଏବଂ ପରିଚୟ ବୃଦ୍ଧି ଦିଗରେ ଭାରତୀୟ ସମୁଦାୟ ସଦସ୍ୟମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଭାରତ-ଇଣ୍ଡୋନେସିଆ ସମ୍ପର୍କରେ ରହିଥିବା ସକାରାତ୍ମକ ଦିଗ ଏବଂ ଏହି ସମ୍ପର୍କକୁ ସୁଦୃଢ଼ କରିବାରେ ଭାରତୀୟ ସମୁଦାୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।

4.ପ୍ରଧାନମନ୍ତ୍ରୀ ଭାରତର ବିକାଶଧାରା, ଏହାର ସଫଳତା, ଡିଜିଟାଲ ପ୍ରଯୁକ୍ତି, ଅର୍ଥ, ସ୍ୱାସ୍ଥ୍ୟ, ଦୂରସଞ୍ଚାର ଏବଂ ମହାକାଶ ଭଳି କ୍ଷେତ୍ରରେ ଏହାର ଉପଲବ୍ଧି ଏବଂ ସଫଳତା ବିଷୟରେ ଆଲୋକପାତ କରିଥିଲେ । ସେ ଆହୁରି କହିଥିଲେ ଯେ, ବିକାଶ ପାଇଁ ଭାରତର ଭବିଷ୍ୟତ ଯୋଜନାରେ ବିଶ୍ୱର ରାଜନୈତିକ ଓ ଆର୍ଥିକ ଆକାଂକ୍ଷା ସାମିଲ ରହିଛି ଏବଂ ଆତ୍ମନିର୍ଭର ଭାରତର ସଂକଳ୍ପରେ ବିଶ୍ୱ କଲ୍ୟାଣର ଭାବନା ନିହିତ ଅଛି ।

5.ଆସନ୍ତା ୮ରୁ ୧୦ ଜାନୁଆରୀ, ୨୦୨୩ରେ ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଏବଂ ଏହାପରେ ଗୁଜରାଟରେ ଅନୁଷ୍ଠିତ ହେବାକୁ ଥିବା ଗୁଡ଼ି ମହୋତ୍ସବରେ ଅଂଶଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ଭାରତୀୟ ସମୁଦାୟର ସଦସ୍ୟ ଏବଂ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଥିଲେ ।

**ବାଲି**
**ନଭେମ୍ବର 15, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.